ODM EDUCATIONAL GROUP
Changing your Tomorrow

**CLASS :** IV

**SUBJECT :** ଓଡିଆ

**TOPIC :** ସାଇତି ରଖିବା ସଜାଇ ରଖିବା

**SUB TOPIC** ଅନୁଚ୍ଛେଦ ବ୍ୟାଖ୍ୟା ଓ କଠିନ ଶବ୍ଦ

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ସାଇତି ରଖିବା ସଜାଇ ରଖିବା

# ଅନୁଚ୍ଛେଦ ବ୍ୟାଖ୍ୟା

# ସାଇତି ରଖିବା, ସଜାଇ ରଖିବା

ପଦ୍ମଲୋଚନ ପାଲଟାସିଂହ

ସମୟ ଦଶଟା । ଚନ୍ଦନ ଆସି ଡାକ ପକାଇଲା – "ତୁ ଏପର୍ଯ୍ୟନ୍ତ ବାହାରି ନାହୁଁ । ତୋ'ର ସବୁଦିନ ବିଳମ୍ବ ହେଉଛି ।"

ତନ୍ମୟ ବଡ଼ ବ୍ୟସ୍ତ ହୋଇ ଶାର୍ଟ୍ ଖୋଜୁଥିଲା। ଏତିକିବେଳେ ତା' ବୋଉ ଧଳା ଶାର୍ଟ୍‌ଟିଏ ଧରି ସେଠାରେ ପହଞ୍ଚିଲେ। ପଚାରିଲେ – "ପିଜୁଳି ଗଛ ଡାଳରେ ଯାକୁ କିଏ ରଖିଥିଲା ?"

ତନ୍ମୟ ପ୍ରତିଦିନ କ'ଣ ନା କ'ଣ ହଜାଏ । ତାକୁ ଖୋଜିବାରେ ତା'ର ବହୁ ସମୟ ନଷ୍ଟ ହୁଏ। କେଉଁଦିନ ପ୍ୟାଣ୍ଟଶାର୍ଟ୍ ଆଲ୍‌ମାରି ପଛପଟେ ପଡ଼ିଥାଏ ତ କେଉଁଦିନ ଆଲଣାରୁ ଲୁଗାତଳେ ରହିଯାଇଥାଏ। ବହି, ଖାତା, କଲମ, ପେନ୍‌ସିଲ୍, ରବର, ସ୍କେଲ୍– ଯାହା ଖୋଜ, ଖୋଜିଲାବେଳେ ହଠାତ୍ କିଛି ମିଳେ ନାହିଁ।



ଏଇ ଅସୁବିଧା ବରାବର ଲାଗି ରହିଥାଏ। ଘରୁ ବାହାରିଲା ବେଳକୁ ତନ୍ମୟ ବୋଉ ଉପରେ ରାଗ ତମତମ ହୋଇ ବାହାରେ। ଏଇ କଥା ତା'ର ମାଉସୀ ପୁଅ ଭାଇ ଚନ୍ଦନ ପ୍ରତିଦିନ ଦେଖେ। ହେଲେ ସେ ବ୍ୟସ୍ତ ହୁଏ ନାହିଁ। ତନ୍ମୟ ଠାରୁ ସେ ବୟସରେ ବଡ଼; ସପ୍ତମ ଶ୍ରେଣୀରେ ପଢୁଛି। ତନ୍ମୟକୁ ସେ ସ୍ନେହ କରେ। ତାକୁ ସାଥିରେ ସ୍କୁଲ୍‌କୁ ଡାକିନେବାର ଦାୟିତ୍ୱ ମାଉସୀ ତାକୁ ଦେଇଛନ୍ତି। ସେଥିରେ ସେ ଆନନ୍ଦିତ। ଘରୁ ବାହାରି ପଡ଼ିଲେ ଦୁହେଁ ଖୁସି ମନରେ ଗପ କରିକରି ସ୍କୁଲ୍‌କୁ ଯାଆନ୍ତି।

ସେଦିନ ସ୍କୁଲ୍ ଯିବା ବାଟରେ ଚନ୍ଦନ କହିଲା – 'ତନ୍ମୟ ! ତୁ ତୋ ଜିନିଷତକ ସାଇତି କରି ରଖୁ ନାହୁଁ କାହିଁକି ? ଜିନିଷ ସଜାଇ ରଖିଲେ ଖୋଜିବାକୁ ପଡ଼େ ନାହିଁ ।''

ତନ୍ମୟ କହିଲା – "ମୁଁ କ'ଣ ସଜାଡ଼ିକରି ରଖୁ ନାହିଁକି ! ଆମ ଚିନୁ ପରା ସବୁ ଘାଣ୍ଟି ପକାଉଛି ।''

ଚନ୍ଦନ ତା'କୁ ବୁଝାଇଲା – "ଯେଉଁମାନେ ନିଜ କାମ ନିଜେ କରନ୍ତି ନାହିଁ, ସେମାନେ ସବୁବେଳେ ଅନ୍ୟକୁ ଦୋଷ ଦିଅନ୍ତି । ଆମ ଶ୍ରେଣୀ ଶିକ୍ଷକ ଦିନେ ଶ୍ରେଣୀରେ ଆମକୁ କହିଲେ– "ଜିନିଷ ସାଇତି ରଖିବା ଗୋଟିଏ କଠିନ କାମ ନୁହେଁ; ଏହା ଗୋଟିଏ ଭାରି ଭଲ ଗୁଣ । ପ୍ରତିଦିନ ଏଥିପ୍ରତି ସାମାନ୍ୟ ଧ୍ୟାନ ଦେଲେ ଏହା ଅଭ୍ୟାସରେ ପଡ଼ିଯାଏ । ଏସବୁ ବୁଝାଇବାକୁ ଯାଇ ଗୁରୁଜୀ ଦିନେ ଆମକୁ କେତୋଟି ସତ ଘଟଣା କହିଥିଲେ ।"

ଥରେ ଜଣେ ଭଦ୍ରଲୋକ ରେଳଗାଡ଼ିରେ ଯାଉଥିଲେ । ଟି.ଟି.ଇ. ଆସି ତାଙ୍କୁ ଟିକେଟ୍ ମାଗିଲେ । ଭଦ୍ରଲୋକ ତାଙ୍କ ପକେଟ୍, ଡାଏରୀ, ବ୍ୟାଗ୍ –ସବୁଠା' ଖୋଜିଗଲେ; କିନ୍ତୁ ଟିକେଟ୍ ପାଇଲେ ନାହିଁ । ସେ ଟିକେଟ୍ କରିଛନ୍ତି ବୋଲି ଯେତେ କହିଲେ ମଧ ଟି.ଟି.ଇ. ବିଶ୍ୱାସ କରିବାକୁ ନାରାଜ । ଏଣେ ଯେତିକି ବିଳମ୍ବ ହେଉଥାଏ, ପାଖରେ ବସିଥିବା ଯାତ୍ରୀମାନେ ତାଙ୍କ ଆଡ଼କୁ ସେତିକି ଆଡ଼େଇଆଡ଼େଇ ଅନାଉଥା'ନ୍ତି । ସତେ ଯେପରି ସେ ବାହାନା କରୁଛନ୍ତି । ତାଙ୍କୁ ଅପରାଧୀ ଭଳି ଲାଗିଲା ଏବଂ ବଡ଼ ବାଧିଲା । ସେ ବାଧ୍ୟ ହୋଇ ଆଉ ଥରେ ଟିକେଟ୍ କଲେ । ତା' ସାଙ୍ଗକୁ ଜୋରିମାନା ମଧ୍ୟ ଦେଲେ ।

ସେ ଗାଡ଼ିରୁ ଓହ୍ଲାଇ ଘରକୁ ଆସିଲାବେଳେ ବାଟରେ ବ୍ୟାଗ୍ ଭିତରୁ ଟିକେଟ୍ ଖଣ୍ଡିକୁ ପାଇଲେ । ବ୍ୟାଗ୍ ଭିତରେ ଗୋଟିଏ ପକେଟ୍ ଥିଲା । ସେଥିରେ ଟିକେଟ୍‌ଟିକୁ ରଖୁରଖୁ ତାଙ୍କ ଅଜଣାରେ ତାହା ଖଣ୍ଡିଏ ଭାଙ୍ଗ ଭିତରେ ରହି ଯାଇଥିଲା । ସାମାନ୍ୟ ଅଯତ୍ନରୁ ତାଙ୍କୁ ଅପମାନ ଓ ଧନହାନୀ ଉଭୟ ସହିବାକୁ ପଡ଼ିଲା ।

# କଠିନ ଶବ୍ଦ

ନାରାଜ ➤ ରାଜି ନ ହେବା





ରାଗ ତମତମ ➤ ବହୁତ ରାଗିଯିବା

# କଠିନ ଶବ୍ଦ

ବିଳମ୍ବ ➤ ଡେରି







ଟି ଟି ଇ ➤ ରେଳ ଟିକଟ ନିରୀକ୍ଷକ

ଆଡେଇ ଆଡେଇ ➤ କଣେଇ କଣେଇ





EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP